# ॥ ଶ୍ରୀମଦ୍ଭଗବଦ୍ଗୀତା ଶୁଦ୍ଧ ଉଚ୍ଚାରଣ ମାର୍ଗଦର୍ଶିକା - ସ୍ତର 4 ॥

## ମାହେଶ୍ୱର ସୂତ୍ର

1. ଅଇଉଣ୍ ।
2. ଋଲୃକ୍ ।
3. ଏଓଙ୍ ।
4. ଐଔଚ୍ ।
5. ହୟଵରଟ୍ ।
6. ଲଣ୍ ।
7. ଞମଙଣନମ୍ ।
8. ଝଭଞ୍ ।
9. ଘଢଧଷ୍ ।
10. ଜବଗଡଦଶ୍ ।
11. ଖଫଛଠଥଚଟତଵ୍ ।
12. କପୟ୍ ।
13. ଶଷସର୍ ।
14. ହଲ୍ ।

**'ପ୍ରତ୍ୟାହାର' -** ଶବ୍ଦଗୁଡିକର ନିର୍ବାଚନ କିମ୍ବା ନିୟମଗୁଡିକରେ ଯେତେବେଳେବି କୌଣସି ବିଶେଷ ବର୍ଣ୍ଣଗୁଡିକର ପ୍ରୟୋଗର ଆବଶ୍ୟକତା ହୋଇଥାଏ, ସେତେବେଳେ ସେହି ବର୍ଣ୍ଣଗୁଡିକୁ ମାହେଶ୍ୱର ସୂତ୍ରଗୁଡିକ ଦ୍ୱାରା ପ୍ରତ୍ୟାହାର କରି ସଂକ୍ଷେପରେ ଗ୍ରହଣ କରାଯାଏ। ପ୍ରତ୍ୟାହାରର ଅର୍ଥ ହେଉଛି ସଂକ୍ଷିପ୍ତ କରିବା । ଆରମ୍ଭ ବର୍ଣ୍ଣ ଏବଂ ଶେଷ ବର୍ଣ୍ଣକୁ ମିଳାଇ କରି ପ୍ରତ୍ୟାହାର କରାଯାଏ |

**ଉଦାହରଣ: = 'ଅଚ୍'** ପ୍ରତ୍ୟାହାର - ପ୍ରଥମ ମାହେଶ୍ୱର ସୂତ୍ର ' 'ଅଇଉଣ୍' ର ଆରମ୍ଭ ବର୍ଣ୍ଣ 'ଅ' କୁ ଚତୁର୍ଥ ସୂତ୍ର 'ଐଔଚ୍' ର ଶେଷ ବର୍ଣ୍ଣ 'ଚ୍' ସହିତ ଯୋଗ କରିବାରୁ 'ଅଚ୍' ପ୍ରତ୍ୟାହାର ହେଲା । ତେଣୁ 'ଅଚ୍' ପ୍ରତ୍ୟାହାର ରେ 'ଅ, ଇ, ଉ, ଋ, ଌ, ଏ, ଐ, ଓ, ଔ' ଏହି ବର୍ଣ୍ଣଗୁଡିକୁ ଗ୍ରହଣ କରାଯିବ ।

# ସନ୍ଧି - ନିୟମ

ଦୁଇଟି ବର୍ଣ୍ଣ ଏକତ୍ର ଆସିଲେ ସନ୍ଧି ହୋଇଥାଏ । ଏକତ୍ର ଆସୁଥିବା ବର୍ଣ୍ଣ 'ସ୍ୱର' ହୋଇଥିଲେ ସେହି ସନ୍ଧିକୁ 'ସ୍ୱର ସନ୍ଧି', 'ବ୍ୟଞ୍ଜନ' ହୋଇଥିଲେ 'ବ୍ୟଞ୍ଜନ ସନ୍ଧି, 'ଅନୁସ୍ୱାର' ହୋଇଥିଲେ 'ଅନୁସ୍ୱାର ସନ୍ଧି' ଏବଂ 'ବିସର୍ଗ' ହୋଇଥିଲେ 'ବିସର୍ଗ ସନ୍ଧି' ହୋଇଥାଏ। ସନ୍ଧି ହେବା ବେଳେ ଏକତ୍ର ଆସୁଥିବା ବର୍ଣ୍ଣଗୁଡିକ ମଧ୍ୟରୁ କୌଣସି ଗୋଟିଏ କିମ୍ବା କେବେ କେବେ ଦୁଇଟିଯାକ ବର୍ଣ୍ଣର ପରିବର୍ତ୍ତନ ହୋଇଯାଏ ।

## ବ୍ୟଞ୍ଜନ କିମ୍ବା ହଲ୍ ସନ୍ଧି -

ବ୍ୟଞ୍ଜନ ର ବ୍ୟଞ୍ଜନ ସହିତ ମେଳ ହେବା ଦ୍ୱାରା ଯେଉଁ ପରିବର୍ତ୍ତନ ହୋଇଥାଏ ତାକୁ ବ୍ୟଞ୍ଜନ ସନ୍ଧି କୁହାଯାଏ । ବ୍ୟଞ୍ଜନ ସନ୍ଧିକୁ ସଂସ୍କୃତରେ ହଲ୍ ସନ୍ଧି ମଧ୍ୟ କୁହାଯାଏ । ଏଗୁଡିକ ଅନେକ ପ୍ରକାରର ଅଟନ୍ତି -

## 1. ଶ୍ଚୁତ୍ୱ ସନ୍ଧି -

- **ସ୍ତୋଃ ଶ୍ଚୁନା ଶ୍ଚୁଃ** - ସକାର କିମ୍ବା ତବର୍ଗ ର ଶକାର କିମ୍ବା ଚବର୍ଗ ସହିତ ସଂଯୋଗ ହେବାବେଳେ ସକାର, ତବର୍ଗ ସ୍ଥାନରେ କ୍ରମଶଃ ପରିବର୍ତ୍ତନ ଦ୍ୱାରା ଶକାର, ଚବର୍ଗ ହୋଇଯାଏ । ସଂଯୋଗରେ ସକାର, ତବର୍ଗ ଏବଂ ଶକାର, ଚବର୍ଗ ର ବର୍ଣ୍ଣଗୁଡିକର କ୍ରମ ଆଗ ପଛ ହୋଇପାରେ ମାତ୍ର ପରିବର୍ତ୍ତନ କେବଳ ସକାର ଏବଂ ତବର୍ଗ ସ୍ଥାନରେ ହିଁ ହେବ ।
- ଉଦାହରଣ: ମନସ୍ + ଚଞ୍ଚଲମ୍ = ମନଶ୍ଚଞ୍ଚଲମ୍(6/26), ୟୁନ୍ + ଜୀତ = ୟୁଞ୍ଜୀତ(6/10), ୟଦ୍ + ଜ୍ଞାତ୍ୱା = ୟଜ୍‌ଜ୍ଞାତ୍ୱା(4/16)

| ଏକତ୍ର ଆସିବାକୁ ଥିବା ଦୁଇଟି ବ୍ୟଞ୍ଜନ | | ସ୍ ଏବଂ ତବର୍ଗ ର ପରିବର୍ତ୍ତିତ ରୂପ |
|---|---|---|
| ସ୍ | ଶ୍, ଚ୍, ଛ୍, ଜ୍, ଝ୍, ଞ୍ | ଶ୍ |
| ତ୍ | | ଚ୍ |
| ଥ୍ | | ଛ୍ |
| ଦ୍ | | ଜ୍ |
| ଧ୍ | | ଝ୍ |
| ନ୍ | | ଞ୍ |

(ନୋଟ୍ - କ୍ଷ = କ୍ + ଷ, ତ୍ର = ତ୍ + ର ତଥା ଜ୍ଞ = ଜ୍ + ଞ ହୋଇଥାଏ, ଏଣୁ ଏଗୁଡିକରେ କ୍ରମଶଃ କ୍, ତ୍ ଏବଂ ଜ୍ ସହିତ ସମ୍ବନ୍ଧିତ ନିୟମ ହିଁ ଲାଗୁ ହୋଇଥାଏ ।)

## 2. ଷ୍ଟୁତ୍ୱ ସନ୍ଧି -

- **ଷ୍ଟୁନା ଷ୍ଟୁଃ** - ସକାର କିମ୍ବା ତବର୍ଗ ର ଷକାର କିମ୍ବା ଟବର୍ଗ ସହିତ ସଂଯୋଗ ହେବା ଦ୍ୱାରା ସକାର ଏବଂ ତବର୍ଗ ସ୍ଥାନରେ କ୍ରମଶଃ ପରିବର୍ତ୍ତନ ଦ୍ୱାରା ଷବର୍ଗ ଏବଂ ଟବର୍ଗ ହୋଇଯାଏ । ସଂଯୋଗରେ ସକାର, ତ ବର୍ଗ କିମ୍ବା ଷକାର, ଟବର୍ଗ ର ବର୍ଣ୍ଣଗୁଡିକର ଆଗ ପଛ ହୋଇପାରେ କିନ୍ତୁ ପରିବର୍ତ୍ତନ କେବଳ ସକାର ଏବଂ ତ ବର୍ଗ ସ୍ଥାନରେ ହିଁ ହେବ ।

  ଉଦାହରଣ

  - ଦୃଷ୍ + ତଃ = ଦୃଷ୍ଟଃ (2/16), ସୃଷ୍ + ତ୍ୱାଃ = ସୃଷ୍ଟ୍ୱା(3/10), ପ୍ରନଷ୍ + ତଃ = ପ୍ରନଷ୍ଟଃ(18/72)

| ଏକତ୍ର ଆସିବାକୁ ଥିବା ଦୁଇଟି ବ୍ୟଞ୍ଜନ | | ପରିବର୍ତ୍ତିତ ରୂପ |
|---|---|---|
| ସ୍ | ଷ୍, ଟ୍, ଠ୍, ଡ୍, ଢ୍, ଣ୍ | ଷ୍ |
| ତ୍ | | ଟ୍ |
| ଥ୍ | | ଠ୍ |
| ଦ୍ | | ଡ୍ |
| ଧ୍ | | ଢ୍ |
| ନ୍ | | ଣ୍ |

## 3. ଚର୍ତ୍ୱ ସନ୍ଧି -

- **ଖରି ଚ –** ବର୍ଗଗୁଡିକର ପ୍ରଥମ, ଦ୍ୱିତୀୟ ବର୍ଣ୍ଣ ଏବଂ ଶ, ଷ, ସ(ଖର୍/କଠୋର ବ୍ୟଞ୍ଜନ) ପରେ ଥିଲେ ବର୍ଗଗୁଡିକର ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ବର୍ଣ୍ଣ ଏବଂ ଶ, ଷ, ସ, ହ(ଝଲ୍) ର ପରିବର୍ତ୍ତନ କ, ଚ, ଟ, ତ, ପ, ଶ, ଷ, ସ('ଚର୍') ହୋଇଯାଏ ।

  ଉଦାହରଣ: - ହୃଦ୍ + ଷ୍ଟମ୍ = ହୃସ୍ଥମ୍ 4/42), ତଦ୍ + କୁରୁଷ୍ଟ = ତତ୍କୁରୁଷ୍ଟ(9/27), ଛିଦ୍ + ତ୍ୱା = ଛିତ୍ତ୍ୱା(4/42)

- **ବାଽବସାନେ –** ଅବସାନ ରେ (ଅର୍ଥାତ୍ ପଦ ଶେଷରେ) ବର୍ଗଗୁଡିକର ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ବର୍ଣ୍ଣ ଏବଂ ଶ, ଷ, ସ, ହ(ଝଲ୍) କୁ ବିକଳ୍ପ ଭାବରେ କ, ଚ, ଟ, ତ, ପ, ଶ, ଷ, ସ(ଚର୍) ହୋଇଯାଏ ।

  ଉଦାହରଣ: - ସୁହୃଦ୍ = ସୁହୃତ୍ (୨/୧୫), ବାଗ୍ = ବାକ୍, ଉପନିଷଦ୍ = ଉପନିଷତ୍, ଭଗବଦ୍ = ଭଗବତ୍

## 4. ଜଶ୍ତ୍ୱ ସନ୍ଧି –

- **ଝଲାଂ ଜଶ୍ ଝଶି -** ପାଞ୍ଚୋଟିଯାକ ବର୍ଗର ପ୍ରଥମ, ଦ୍ୱିତୀୟ, ତୃତୀୟ ତଥା ଚତୁର୍ଥ ବର୍ଣ୍ଣ ଯେକୌଣସି ମୃଦୁବ୍ୟଞ୍ଜନ କିମ୍ବା ସ୍ୱର ର ପୂର୍ବରୁ ଆସେ ତେବେ ତାହା ସେହି ବର୍ଗ ର ତୃତୀୟ ବର୍ଣ୍ଣ(ଗ୍, ଜ୍, ଡ୍, ଦ୍, ବ୍) ରେ ପରିବର୍ତ୍ତିତ ହୋଇଯାଏ ।
  ଉଦାହରଣ:- ଲଭ୍ + ଧ୍ୱା = ଲବ୍ଧ୍ୱା (4/39), ବୋଧ୍ + ଧବ୍ୟମ୍ = ବୋଦ୍ + ଧବ୍ୟମ୍ = ବୋଦ୍ଧବ୍ୟମ୍ (4/17), ଯୁଧ୍ + ଧ = ଯୁଦ୍ଧ (2/37)

## 5. ଧତ୍ୱ ସନ୍ଧି –

- **ଝଷସ୍ତଥୋର୍ଧୋଽଧଃ -** ବର୍ଗ ର ଚତୁର୍ଥ ବର୍ଣ୍ଣ ପରେ ଯଦି ତ୍ କିମ୍ବା ଥ୍ ଆସେ ତେବେ ତାହା ଧକାର ରେ ପରିବର୍ତ୍ତିତ ହୋଇଯାଏ । (ଏହି ସନ୍ଧି ପରେ ଜଶ୍ତ୍ୱସନ୍ଧି ହେଉଥିବାରୁ ପୂର୍ବ ବର୍ଣ୍ଣ ତାହାର ତୃତୀୟ ବର୍ଣ୍ଣ ରେ ପରିବର୍ତ୍ତିତ ହୋଇଯାଏ ।)

| ପୂର୍ବବର୍ଣ୍ଣ | ଉତ୍ତରବର୍ଣ୍ଣ | ପରିବର୍ତ୍ତିତ ରୂପ |
|---|---|---|
| ଘ୍ | ତ୍/ଥ୍ | ଗ୍ଧ୍ |
| ଝ୍ | | ଜ୍ଧ୍ |
| ଢ୍ | | ଡ୍ଧ୍ |
| ଧ୍ | | ଦ୍ଧ୍ |
| ଭ୍ | | ବ୍ଧ୍ |

-

  ଉଦାହରଣ: - ବୋଧ୍ + ତବ୍ୟମ୍ = ବୋଦ୍ + ଧବ୍ୟମ୍ = ବୋଦ୍ଧବ୍ୟମ୍ (4/17), ରୁଧ୍ + ତ୍ୱା = ରୁଦ୍ + ଧ୍ୱା = ରୁଦ୍ଧ୍ୱା(4/29)

## 6. ଷତ୍ୱ ସନ୍ଧି –

- **ବ୍ରଶ୍ଚଭ୍ରସ୍ଜସୃଜମୃଜୟଜରାଜଭ୍ରାଜଛଶାଂ ଷଃ -** ବ୍ରଶ୍ଚ ଆଦି ସପ୍ତ ଧାତୁଗୁଡିକର ତଥା ଛକାରାନ୍ତ ଏବଂ ଅକାରାନ୍ତ ଧାତୁଗୁଡିକର ଶେଷ ବର୍ଣ୍ଣ ସ୍ଥାନରେ 'ଷକାର' ଆଦେଶ ହୋଇଥାଏ ପଦ ଶେଷରେ ହେବା ଦ୍ୱାରା କିମ୍ବା 'ଝଲ୍' ପରେ ରହିବା ଦ୍ୱାରା ।

  ଉଦାହରଣ: - ଦୃଶ୍ ଧାତୁ ରୁ ଦୃଷ୍ ଏବଂ ଦୃଷ୍ଟି ଏହି ସୂତ୍ର ଅନୁସାରେ ହୋଇଥାଏ ।

- **ଆଦେଶପ୍ରତ୍ୟୟୟୋଃ -** ଯଦି କୌଣସି ପୂର୍ବ ଆଦେଶ କାରଣରୁ 'ସ୍' ହୋଇଥାଏ କିମ୍ବା ପ୍ରତ୍ୟୟରେ 'ସ୍' ହୁଏ ତଥା ଏହା ପୂର୍ବରେ 'ଇଣ୍' (ଇ, ଉ) କିମ୍ବା 'କବର୍ଗ' ଥାଏ ତେବେ 'ସକାର' 'ଷକାର' ହୋଇଯାଏ ।

ଉଦାହରଣ: - ଭୋକ୍ + ସ୍ୟସେ = ଭୋକ୍ + ଷ୍ୟସେ = ଭୋକ୍ଷ୍ୟସେ (2/37), ହନି + ସେ୍ୟ = ହନି + ଷେ୍ୟ = ହନିଷେ୍ୟ(16/14)

## 7. କତ୍ୱ ସନ୍ଧି –

- **ଷଢୋଃ କଃ ସି –** 'ଷ' କିମ୍ବା 'ଢ' ଏବଂ 'ସ' ଏକତ୍ର ରହିଲେ ତାର ପୂର୍ବରେ ଆସିଥିବା ବର୍ଣ୍ଣ 'କ' ହୋଇଯାଏ ।

  ଉଦାହରଣ: – ବିନଂଷ୍ + ଷ୍ୟସି = ବିନଂକ୍ + ଷ୍ୟସି = ବିନଙ୍କ୍ + ଷ୍ୟସି = ବିନଙ୍କ୍ଷ୍ୟସି(18/58)

## 8. କୁତ୍ୱ ସନ୍ଧି –

- **ଚୋଃ କୁଃ -** ପଦ ଶେଷରେ ଥିବା ଚବର୍ଗ ର କୌଣସି ବର୍ଣ୍ଣ ଏବଂ ତା ପରେ ଅନ୍ତଃସ୍ଥ କିମ୍ବା ଅନୁନାସିକ ବ୍ୟତୀତ ଯେକୌଣସି ବର୍ଣ୍ଣ ହେଉ ଅବା କିଛି ବି ନଥିଲେ ବି କ୍ରମଶଃ କ ବର୍ଗରେ ପରିବର୍ତ୍ତିତ ହୋଇଯାଏ ।

| ପୂର୍ବବର୍ଣ୍ଣ | ଉତ୍ତରବର୍ଣ୍ଣ | ପରିବର୍ତ୍ତିତ ରୂପ |
|---|---|---|
| ଚ୍ | ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ବର୍ଣ୍ଣ, ଶ, ଷ, ସ, ହ, ଅବସାନ | କ୍ |
| ଛ୍ | | ଖ୍ |
| ଜ୍ | | ଗ୍ |
| ଝ୍ | | ଘ୍ |

- 

  ଉଦାହରଣ - ମୁଚ୍ + ତଃ = ମୁକ୍ତଃ(୫/୨୮)

## 9. ତୁଗାଗମ ସନ୍ଧି –

- **ଛେ ଚ –** ହ୍ରସ୍ୱ ସ୍ୱର ପରେ 'ଛ' ଥିଲେ ଛକାର ପୂର୍ବେ 'ତ୍' ଆସିଥାଏ ଏବଂ ତାପରେ ଶ୍ଚୁତ୍ୱ ସନ୍ଧି ଦ୍ୱାରା ଚକାରରେ ପରିବର୍ତ୍ତିତ ହୋଇଯାଏ ।

  ଉଦାହରଣ: - କୃଷ୍ଣ + ଛେତ୍ତୁମ୍ = କୃଷ୍ଣ + ତ୍ + ଛେତ୍ତୁମ୍ = କୃଷ୍ଣ + ଚ୍ + ଛେତ୍ତୁମ୍ = କୃଷ୍ଣଚ୍ଛେତ୍ତୁମ୍ (6/39)

- **ପଦାନ୍ତାଦ୍ୱା –** ପଦାନ୍ତ ର ଦୀର୍ଘ ସ୍ୱର ପରେ 'ଛ' ଥିଲେ ମଧ 'ତ' ର ଆଗମନ ବିକଳ୍ପ ଭାବରେ ହୋଇଥାଏ ।

  ଉଦାହରଣ: - ଗାୟତ୍ରୀ + ଛନ୍ଦସାମ୍ = ଗାୟତ୍ରୀଚ୍ଛନ୍ଦସାମ୍ କିମ୍ବା ଗାୟତ୍ରୀ ଛନ୍ଦସାମ୍ (10/35)

## 10. ଙମୁଡାଗମ ସନ୍ଧି –

- **ଙମୋ ହ୍ରସ୍ୱାଦଚି ଙମୁଣ୍ନିତ୍ୟମ୍ –** ଯେକୌଣସି ହ୍ରସ୍ୱ ପରେ ଯଦି ଙ୍, ଣ୍, କିମ୍ବା ନ୍ ଥାଇ ଏହାପରେ ଯେକୌଣସି ସ୍ୱର ଥାଏ ତେବେ ଙ୍, ଣ୍ ଏବଂ ନ୍ ର କ୍ରମଶଃ ଦ୍ୱିତ୍ୱ ହୋଇଯାଏ ।

  ଉଦାହରଣ: - କୁର୍ବନ୍ + ଅପି = କୁର୍ବନ୍ନପି (5/7), ସନ୍ + ଅବ୍ୟୟାତ୍ମା = ସନ୍ନବ୍ୟୟାତ୍ମା(4/6), ପ୍ରହସନ୍ + ଇବ = ପ୍ରହସନ୍ନିବ(2/10)

## 11. ରୁତ୍ୱ ସନ୍ଧି -

- **ନଶ୍ଛବ୍ୟପ୍ରଶାନ୍ –** ପଦ ଶେଷରେ 'ନକାର' ପରେ ଯଦି ଚ୍, ଛ୍, ଟ୍, ଠ୍, ତ୍ କିମ୍ବା ଥ୍ ବର୍ଣ୍ଣଗୁଡିକ ଆସୁଥାଏ ଏବଂ ଏହାପରେ ଯେକୌଣସି ସ୍ୱର, ହ୍, ୟ୍, ୱ୍, ର୍, ଲ୍, ଙ୍, ଞ୍, ଣ୍, ନ୍ ଥାଏ ତେବେ ନକାର ସ୍, ଶ୍, ଷ୍ ରେ ବଦଳିଯାଏ ଏବଂ ଏହାର ପୂର୍ବ ବର୍ଣ୍ଣରେ ଅନୁସ୍ୱାର ଦିଆଯାଏ ।
  (ନକାର + ତ୍, ଥ୍ = ସକାର, ନକାର + ଚ୍, ଛ୍ = ଶକାର, ନକାର + ଟ୍, ଠ୍ = ଷକାର)

  ଉଦାହରଣ: - ବିଦ୍ୱାନ୍ + ତଥା = ବିଦ୍ୱାଂସ୍ + ତଥା = ବିଦ୍ୱାଂସ୍ତଥା (3/25), ଗତାସୂନ୍ + ଚ = ଗତାସୂଂଶ୍ଚ(2/11), ପ୍ରଜ୍ଞାବାଦାନ୍ + ଚ = ପ୍ରଜ୍ଞାବାଦାଂଶ୍ଚ(2/11)

## 12. ଅନୁସ୍ୱାର ସନ୍ଧି -

- **ମୋଽନୁସ୍ୱାରଃ -** ପଦ ଶେଷରେ 'ମକାର' ଅନୁସ୍ୱାର ହୋଇଯାଏ, ଯଦି ଏହା ପରେ କୌଣସି ବ୍ୟଞ୍ଜନ ଆସୁଥାଏ ।

ଉଦାହରଣ: - ହର୍ଷମ୍ + କୁରୁବୃଦ୍ଧଃ = ହର୍ଷଂ କୁରୁବୃଦ୍ଧଃ (1/12), ଶଙ୍କମ୍ + ଦଧ୍ମୌ = ଶଙ୍ଖଂ ଦଧ୍ମୌ(1/12)

- **ନଶ୍ଚାପଦାନ୍ତସ୍ୟ ଝଲି –** ଅପଦାନ୍ତ 'ନକାର' ଏବଂ 'ମକାର' ଅନୁସ୍ୱାରରେ ପରିବର୍ତ୍ତନ ହୋଇଯାଏ, ଯେତେବେଳେ ବର୍ଗ ର ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ ବର୍ଣ୍ଣ ଏବଂ ଶ, ଷ, ସ, ହ ('ଝଲ') ତା ପରେ ଆସେ ।

  ଉଦାହରଣ: - ବାସାନ୍ + ସି = ବାସାଂସି (2/22)

## 13. ଅନୁନାସିକ ସନ୍ଧି -

- **ୟରୋଽନୁନାସିକେଽନୁନାସିକୋ ବା –** ପାଞ୍ଚଟିଯାକ ବର୍ଗ ର ପ୍ରଥମ ଚାରିଟି ବ୍ୟଞ୍ଜନ ବର୍ଣ୍ଣ ମଧ୍ୟରୁ କୌଣସି ବ୍ୟଞ୍ଜନ ଯଦି ପଦ ଶେଷରେ ଥାଏ ଏବଂ ଏହା ପରେ କୌଣସି ଅନୁନାସିକ ବ୍ୟଞ୍ଜନ ଆସୁଥାଏ ତେବେ ସେହି ବ୍ୟଞ୍ଜନ ନିଜ ବର୍ଗର ଅନୁନାସିକରେ ପରିବର୍ତ୍ତିତ ହୋଇଯାଏ ।

  ଉଦାହରଣ: - ବାକ୍ + ମନୋଭିର୍ୟଦ୍ = ବାଙ୍ମନୋଭିର୍ୟଦ୍ (୫/15), ଷଟ୍ + ମାସାଃ = ଷଣ୍ମାସା(୫/24), ଜଗତ୍ + ନିବାସ = ଜଗନ୍ନିବାସ(11/37)

| ପୂର୍ବବର୍ଣ୍ଣ | ଉତ୍ତରବର୍ଣ୍ଣ | ପ୍ରଥମ ବର୍ଣ୍ଣ ସ୍ଥାନରେ ପରିବର୍ତ୍ତନ |
|---|---|---|
| କ ବର୍ଗ | ଙ୍, ଞ୍, ଣ୍, ନ୍, ମ୍ | ଙ୍ |
| ଚ ବର୍ଗ | | ଞ୍ |
| ଟ ବର୍ଗ | | ଣ୍ |
| ତ ବର୍ଗ | | ନ୍ |
| ପ ବର୍ଗ | | ମ୍ |

## 14. ପରସବର୍ଣ୍ଣ ସନ୍ଧି -

- **ଅନୁସ୍ୱାରସ୍ୟ ୟୟି ପରସବର୍ଣ୍ଣଃ -** ଅନୁସ୍ୱାର ପରେ ଯଦି କୌଣସି ବର୍ଗର ଯେକୌଣସି ବ୍ୟଞ୍ଜନ ଆସେ ତେବେ ସେହି ଅନୁସ୍ୱାର ଅଗ୍ରୀମ ବ୍ୟଞ୍ଜନ ବର୍ଗ ଅନୁନାସିକରେ ପରିବର୍ତ୍ତିତ ହୋଇଯାଏ ।

  ଉଦାହରଣ: – ସଂ + ମୂଢଃ = ସମ୍ମୂଢଃ (5/20), ୟୁଂ + ଜନ୍ = ୟୁଞ୍ଜନ୍ (6/28)
- **ବା ପଦାନ୍ତସ୍ୟ –** ଉପର ନିର୍ଦ୍ଦିଷ୍ଟ ନିୟମ ପଦାନ୍ତ-ଅନୁସ୍ୱାର ବିଷୟରେ ଏକ ବିକଳ୍ପ ଅଟେ ଅର୍ଥାତ୍ ପଦାନ୍ତ ର ଅନୁସ୍ୱାର ର ଅନୁନାସିକ ରେ ପରିବର୍ତ୍ତନ ବିକଳ୍ପ ଭାବରେ ହୋଇଥାଏ ।

  ଉଦାହରଣ: = ମାଂ + ପଶ୍ୟତି = ମାଂ ପଶ୍ୟତି/ମାମ୍ପଶ୍ୟତି(3/30)
- **ତୋର୍ଲି –** 'ତବର୍ଗ', 'ଲକାର' ପରେ ହେବା କାରଣରୁ ପରସବର୍ଣ୍ଣ ହୋଇଥାଏ ।

  ଉଦାହରଣ: - ଶ୍ରୁତିମତ୍ + ଲୋକେ = ଶ୍ରୁତିମଲ୍ଲୋକେ (13/13), ଶ୍ରଦ୍ଧାବାନ୍ + ଲଭତେ = ଶ୍ରଦ୍ଧାବାଁଲ୍ଲଭତେ (4/39)

## 15. ପୂର୍ବସବର୍ଣ୍ଣ ସନ୍ଧି -

- **ଝୟୋ ହୋଽନ୍ୟତରସ୍ୟାମ୍ –** ପାଞ୍ଚ ବର୍ଗର ପ୍ରଥମ ଚାରି ବ୍ୟଞ୍ଜନ ପରେ ଯଦି ହକାର ଆସେ ତେବେ ସେହି ହକାର ପୂର୍ବ ବ୍ୟଞ୍ଜନ ବର୍ଗର ଚତୁର୍ଥ ବ୍ୟଞ୍ଜନରେ ପରିବର୍ତ୍ତିତ ହୋଇଯାଏ । ଏବି ନିୟମ ଏକ ବିକଳ୍ପ ଅଟେ ।

| ପ୍ରଥମ ବର୍ଣ୍ଣ | ଦ୍ୱିତୀୟ ବର୍ଣ୍ଣ | ଦ୍ୱିତୀୟ ବର୍ଣ୍ଣ ସ୍ଥାନରେ ପରିବର୍ତ୍ତନ |
|---|---|---|
| କ ବର୍ଗ | ହ୍ | ଘ୍ |
| ଚ ବର୍ଗ | | ଝ୍ |
| ଟ ବର୍ଗ | | ଢ୍ |
| ତ ବର୍ଗ | | ଧ୍ |
| ପ ବର୍ଗ | | ଭ୍ |

ଉଦାହରଣ: - ଏତଦ୍ + ହି = ଏତଦ୍ଧି (6/42)

- **ଶଶ୍ଛୋଟୀ –** ପାଞ୍ଚ ବର୍ଗର ପ୍ରଥମ ଚାରି ବ୍ୟଞ୍ଜନ ବର୍ଣ୍ଣ ମଧ୍ୟରୁ କୌଣସି ବ୍ୟଞ୍ଜନ ପରେ ଯଦି ଶକାର ଆସେ ଏବଂ ଏହାପରେ କୌଣସି ସ୍ୱର କିମ୍ବା ହ୍, ୟ୍, ୱ୍, ର୍ ବର୍ଣ୍ଣଗୁଡିକ ଆସେ ତେବେ ଶକାର ଛକାର ରେ ପରିବର୍ତ୍ତିତ ହୋଇଯାଏ । ଏହି ନିୟମ ଏକ ବିକଳ୍ପ ଅଟେ ।

  ଉଦାହରଣ: - ଏତତ୍ + ଶ୍ରୁତ୍ୱା = ଏତଚ୍ଛ୍ରୁତ୍ୱା (11/35), ତସ୍ମାତ୍ + ଶାସ୍ତ୍ରମ୍ = ତସ୍ମାଚ୍ଛାସ୍ତ୍ରମ୍(16/24)

## ॥ ଦ୍ୱିତ୍ୱ (ଆଘାତ) ନିୟମ ॥

ଦ୍ୱିତ୍ୱାଦି ନିୟମଗୁଡିକର ପାଳନ ଭଗବଦ୍ଗୀତା ଦୃଷ୍ଟିରୁ ଯେତିକି ଉପଯୋଗୀ, ସେହି ଦୃଷ୍ଟିରୁ ଉଚ୍ଚାରଣକୁ ଅଧିକ ଉତ୍ତମ ଏବଂ ସରଳ କରିବା ପାଇଁ ଯେଉଁ ନିୟମ ସ୍ୱୀକୃତ ହୋଇଛି ତାହା ନିମ୍ନପ୍ରକାରେ ଅଟେ -

## ମୂଳ ଦ୍ୱିତ୍ୱ ନିୟମ - ଅନଚି ଚ, ସ୍ୱରାତ୍ ସଂୟୋଗାଦିର୍ଦ୍ୱିରୁଚ୍ୟତେ ସର୍ବତ୍ର ।

ସ୍ୱର ପରେ ସଂଯୁକ୍ତ ବର୍ଣ୍ଣ ଆସିଲେ ସଂଯୁକ୍ତ ବର୍ଣ୍ଣର ପ୍ରଥମ ବର୍ଣ୍ଣର ଦ୍ୱିତ୍ୱ ପାଣିନୀୟ ବ୍ୟାକରଣ ଅନ୍ତର୍ଗତ 'ଅନଚି ଚ' ସୂତ୍ରରୁ ଏବଂ ପାଣିନୀୟଶିକ୍ଷା ଅନ୍ତର୍ଗତ 'ସ୍ୱରାତ୍ ସଂୟୋଗାଦିର୍ଦ୍ୱିରୁଚ୍ୟତେ ସର୍ବତ୍ର' ସୂତ୍ର ଦ୍ୱାରା ହୋଇଅଛି । ଏହା ଉତ୍ସର୍ଗ ନିୟମ ଅଟେ ଯାହା ଅପବାଦ ବ୍ୟତୀତ ସବୁ ସ୍ଥାନରେ ପ୍ରୟୋଗ ହୋଇଯାଏ ।

*ପାଣିନୀୟଶିକ୍ଷା*

### ଏହି ନିୟମର କିଛି ଅପବାଦ ନିୟମ ଅଛି ଯାହା କି ଏହି ପ୍ରକାରର ଅଟେ ।

### 1. ପରଂ ତୁ ରେଫହକାରାଭ୍ୟାମ୍ ।

ସଂଯୁକ୍ତ ବର୍ଣ୍ଣରେ ଯଦି ପ୍ରଥମ ବର୍ଣ୍ଣ ରେଫ୍ ଅଥବା ହକାର ଥାଏ ତେବେ ଦ୍ୱିତ୍ୱ ହେବ ନାହିଁ । *ପାଣିନୀୟଶିକ୍ଷା*

ଉଦାହରଣ: – ପର୍ଯ୍ୟୁପାସତେ, ଗୁହ୍ୟତମମ୍

### 2. (ନ) ସବର୍ଣ୍ଣେ ।

ଯଦି ସଂଯୁକ୍ତ ବର୍ଣ୍ଣରେ ଉଭୟ ବର୍ଣ୍ଣ ସମାନ ଅଟନ୍ତି ତେବେ ସେଠାରେ ସ୍ୱାଭାବିକ ରୂପରେ ହିଁ ଦ୍ୱିତ୍ୱ ହୋଇଥାଏ ଏଣୁ ସେଠାରେ ଅତିରିକ୍ତ ଦ୍ୱିତ୍ୱର ଆବଶ୍ୟକତା ପଡେ ନାହିଁ । *ପ୍ରାତିଶାଖ୍ୟ*

ଉଦାହରଣ: – ଉତ୍ସନ୍ନ, ମୟ୍ୟାବେଶ୍ୟ

### 3. ଯଦି ସଂଯୁକ୍ତ ବର୍ଣ୍ଣରେ ତିନୋଟି ବ୍ୟଞ୍ଜନର ସଂଯୋଗ ହୁଏ । *ପାଣିନୀୟ ଶିକ୍ଷା*

ଉଦାହରଣ: – କୃତ୍ସ୍ନମ୍, ଭକ୍ତ୍ୟା

### 4. ପ୍ରଥମୈର୍ଦ୍ୱିତୀୟାସ୍ତୃତୀୟୈଶ୍ଚତୁର୍ଥାଃ ।

ସଂଯୁକ୍ତ ବର୍ଣ୍ଣରେ ପାଞ୍ଚ ବର୍ଗର ସମସ୍ତ ବର୍ଣ୍ଣ (ସ୍ପର୍ଶ ବର୍ଣ୍ଣଗୁଡିକ) ର ଦ୍ୱିତ୍ୱ କରିବା ସମୟରେ ଦ୍ୱିତୀୟ ବର୍ଣ୍ଣର ପୂର୍ବରୁ ପ୍ରଥମ ବର୍ଣ୍ଣର ଏବଂ ଚତୁର୍ଥ ବର୍ଣ୍ଣ ପୂର୍ବରୁ ତୃତୀୟ ବର୍ଣ୍ଣର ପ୍ରୟୋଗ କରାଯାଏ । *ପାଣିନୀୟ ଶିକ୍ଷା*

ଉଦାହରଣ: – ଜିଘ୍ନନ୍ = ଜି(ଗ୍)ଘ୍ନନ୍

## ଶବ୍ଦାବଳୀ

- **ଆଦେଶ** – କୌଣସି ବର୍ଣ୍ଣକୁ ହଟେଇଦେଇ ଯଦି କୌଣସି ଅଲଗା ବର୍ଣ୍ଣ ଶତ୍ରୁ ପରି ଆସି ତା ସ୍ଥାନରେ ବସିପଡେ ତେବେ ତାକୁ ଆଦେଶ କୁହାଯାଏ । ଉଦାହରଣ: 'ଯଦି + ଅପି = ଯଦ୍ୟପି' ଏଠାରେ 'ଇ'ସ୍ଥାନରେ 'ୟ' ର ଆଦେଶ ହୋଇଛି (ଶତ୍ରୁବଦାଦେଶଃ)
- **ଆଗମ** – କୌଣସି ବର୍ଣ୍ଣ ସହିତ ଯଦି ଅନ୍ୟ ବର୍ଣ୍ଣ ମିତ୍ର ପରି ପାଖରେ ବସି ତାସହିତ ସଂଯୁକ୍ତ ହୋଇଯାଏ ତେବେ ତାକୁ ଆଗମ କୁହାଯାଏ । ଉଦାହରଣ: 'କୃଷ୍ଣ + ଛେତ୍ତୁମ୍' = କୃଷ୍ଣଚ୍ଛେତ୍ତୁମ୍ ଏଠାରେ 'କୃଷ୍ଣ' ର 'ଣ' ଏବଂ 'ଛେତ୍ତୁମ୍' ର 'ଛ' ରେ ହେଲା । (ମିତ୍ରବଦାଗମଃ)
- **ଲୋପ** – ଦୁଇଟି ବର୍ଣ୍ଣର ସନ୍ଧି ସମୟରେ କୌଣସି ବର୍ଣ୍ଣକୁ ହଟାଇଦେବା ପ୍ରକ୍ରିୟାକୁ ଲୋପ କୁହାଯାଏ ।
- **ପ୍ରକୃତିଭାବ** – ଯଦି ଦୁଇଟି ବର୍ଣ୍ଣର ସନ୍ଧି ସମୟରେ ଆଦେଶ, ଆଗମ କିମ୍ବା ଲୋପ ପରି ସ୍ଥିତି ନଉପୁଜି ପଦଟିର ପୂର୍ବସ୍ଥିତି ବଜାୟ ରହେ ତେବେ ତାକୁ ପ୍ରକୃତିଭାବ କୁହାଯାଏ ।
- **ପ୍ରତ୍ୟୟ** – ଯେଉଁ ବର୍ଣ୍ଣ ବା ବର୍ଣ୍ଣସମୂହର ସ୍ୱତନ୍ତ୍ର ଅସ୍ତିତ୍ୱ ନଥାଏ ସେଗୁଡିକ କୌଣସି ଶବ୍ଦ ପଛରେ ଲାଗିକରି ତାହାର ଅର୍ଥ ପରିବର୍ତ୍ତନ କରିଦେଇଥାଏ ତାକୁ ପ୍ରତ୍ୟୟ କୁହାଯାଏ । ପ୍ରତ୍ୟୟ ପାଞ୍ଚ ପ୍ରକାରର ଅଟେ - ସୁପ୍, ତିଙ୍, କୃତ୍, ତଦ୍ଧିତ, ସ୍ତ୍ରୀ ପ୍ରତ୍ୟୟ ।
- **ଉପସର୍ଗ** – ଏପରି ଶବ୍ଦ ଯାହା କୌଣସି ଧାତୁ ପୂର୍ବରୁ ଯୋଡି ହୋଇ ତାହାର ଅର୍ଥ ପରିବର୍ତ୍ତନ କରିଦେଇଥାଏ କିମ୍ବା ସେହି ଅର୍ଥକୁ ପୁଷ୍ଟି କରିଥାଏ ତାକୁ ଉପସର୍ଗ କୁହାଯାଏ । ଉଦାହରଣ: 'ହାର' ଶବ୍ଦର ଅର୍ଥ ହେଉଛି ପରାଜୟ, ତାହା ସହିତ ବିଭିନ୍ନଉପସର୍ଗ ଯୋଡିକରି ଅନେକ ଭିନ୍ନ ଭିନ୍ନ ଅର୍ଥର ଶବ୍ଦ ସିଦ୍ଧ ହୋଇଥାଏ –

  1. ପ୍ର + ହାର = ପ୍ରହାର, 2. ସମ୍ + ହାର = ସଂହାର(ବିନାଶ), 3. ବି' + ହାର = ବିହାର(ବୁଲାବୁଲି କରିବା)

  ସଂସ୍କୃତରେ ମୋଟ୍ 22ଟି ଉପସର୍ଗ ଅଛି - ପ୍ର, ପରା, ଅପ, ସମ୍, ଅନୁ, ଅବ, ନିସ୍, ନିର୍, ଦୁସ୍, ଦୁର୍, ବି, ଆଙ୍, ନି, ଅଧି, ଅପି, ଅତି, ସୁ, ଉତ୍, ଅଭି, ପ୍ରତି, ପରି, ଉପ।

- **କଠୋର-ମୃଦୁ ବ୍ୟଞ୍ଜନ ଅଥବା ଅନୁନାସିକ** –

| କଠୋର ବ୍ୟଞ୍ଜନ | | ମୃଦୁ ବ୍ୟଞ୍ଜନ | | ଅନୁନାସିକ |
|---|---|---|---|---|
| କ୍ | ଖ୍ | ଗ୍ | ଘ୍ | ଙ୍ |
| ଚ୍ | ଛ୍ | ଜ୍ | ଝ୍ | ଞ୍ |
| ଟ୍ | ଠ୍ | ଡ୍ | ଢ୍ | ଣ୍ |
| ତ୍ | ଥ୍ | ଦ୍ | ଧ୍ | ନ୍ |
| ପ୍ | ଫ୍ | ବ୍ | ଭ୍ | ମ୍ |
| ଶ୍, ଷ୍, ସ୍ | | ୟ୍, ର୍, ଲ୍, ୱ୍, ହ୍ | | 'ୟଁ', 'ଲ୍ଁ', 'ୱଁ' |

## ସାମାନ୍ୟ ସଂସ୍କୃତ

ସଂସ୍କୃତରେ କାରକ ଏବଂ କ୍ରିୟାର ପରିଚୟ ଦ୍ୱାରା ସାଧାରଣ ବାକ୍ୟଗୁଡିକର ରଚନା କରାଯାଇପାରିବ । ସଂସ୍କୃତରେ ବାକ୍ୟ ଗଠନ କରିବା ପାଇଁ ସର୍ବପ୍ରଥମେ କ୍ରିୟା (ଯେକୌଣସି କାର୍ଯ୍ୟ) ଦେଖାଯାଏ । ଏହାକୁ ଧାତୁରୂପ ମାଧ୍ୟମରେ ବ୍ୟକ୍ତ କରାଯାଏ । ଧାତୁରୂପର ପ୍ରୟୋଗ କ୍ରିୟା କରୁଥିବା ବ୍ୟକ୍ତିମାନଙ୍କର ସଂଖ୍ୟା ଏବଂ ପୁରୁଷ ଅନୁସାରେ ହୋଇଥାଏ ।

ସଂସ୍କୃତରେ ଟେ କାରକ ଅଛି । **କର୍ତ୍ତା** (କ୍ରିୟା କରୁଥିବା) ବ୍ୟକ୍ତି ଅଟେ, ତାପରେ **କର୍ମ** (କର୍ତ୍ତା କୁ କ୍ରିୟା କରିବା ପାଇଁ କ'ଣ ନିର୍ଦ୍ଦିଷ୍ଟ ଅଛି ), **କରଣ** (ଯାହାଦ୍ୱାରା କରାଯାଉଅଛି), **ସମ୍ପ୍ରଦାନ** (ଯାହାକୁ କିଛି ଦିଆଯାଉଅଛି), **ଅପାଦାନ** (ବିଭାଗ ହେବାକୁ ଥିବା କ୍ରିୟାରେ ଯାହା ସ୍ଥିର ରହେ), **ଅଧିକରଣ** (ଏହା କ୍ରିୟା ଯେଉଁ ସ୍ଥାନରେ ହେଉଥାଏ)। ପ୍ରତ୍ୟେକ ଶବ୍ଦକୁ ଏହାର କାରକ ଅନୁସାରେ ବିଭକ୍ତି ଦିଆଯାଏ । ବାକ୍ୟଗଠନ ପାଇଁ ଏଠାରେ କେତେକ ଆଧାରିତ ନିୟମ ଦିଆଯାଉଅଛି-

ସଂସ୍କୃତରେ ଲିଙ୍ଗ ଆଧାରରେ ଶବ୍ଦଗୁଡିକର ବିଭାଜନ ହୋଇଥାଏ – ଶବ୍ଦଗୁଡିକର ରୂପ, ସେଗୁଡିକର ଲିଙ୍ଗ ଏବଂ ଶେଷ ବର୍ଣ୍ଣର ଅନୁସାରେ ପରିବର୍ତ୍ତିତ ହୋଇଥାଏ । ରାମ, ଶ୍ୟାମ, ଅନୁରାଗ ଆଦି ଶବ୍ଦଗୁଡିକର ରୂପ ଏକାପ୍ରକାରର ହେବ । ସେହିପରି ମତି, ଗତି, ରତି ର ଏକାପ୍ରକାର ଏବଂ ଜଗତ୍, ମନସ୍ ଆଦି ଶବ୍ଦଗୁଡିକର ରୂପ ଏକାପ୍ରକାରର ହେବ । ପୁଂଲିଙ୍ଗ ରାମ ଶବ୍ଦକୁ ଏବଂ କିଛି ସାଧାରଣ ଧାତୁଗୁଡିକୁ ନେଇ ଆମେ କିଛି ଉଦାହରଣ ଦେଖିବା ।

## 'ଅକାରାନ୍ତ ପୁଂଲିଙ୍ଗ ରାମ ଶବ୍ଦ'

| ବିଭକ୍ତି | କାରକ | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|---|
| **ପ୍ରଥମା** | କର୍ତ୍ତା | ରାମଃ | ରାମୌ | ରାମାଃ |
| **ଦ୍ୱିତୀୟା** | କର୍ମ | ରାମମ୍ | ରାମୌ | ରାମାନ୍ |
| **ତୃତୀୟା** | କରଣ | ରାମେଣ | ରାମାଭ୍ୟାମ୍ | ରାମୈଃ |
| **ଚତୁର୍ଥୀ** | ସମ୍ପ୍ରଦାନ | ରାମାୟ | ରାମାଭ୍ୟାମ୍ | ରାମେଭ୍ୟଃ |
| **ପଞ୍ଚମୀ** | ଅପାଦାନ | ରାମାତ୍ | ରାମାଭ୍ୟାମ୍ | ରାମେଭ୍ୟଃ |
| **ଷଷ୍ଠୀ** | ସମ୍ବନ୍ଧ | ରାମସ୍ୟ | ରାମୟୋଃ | ରାମାଣାମ୍ |
| **ସପ୍ତମୀ** | ଅଧିକରଣ | ରାମେ | ରାମୟୋଃ | ରାମେଷୁ |
| **ସମ୍ବୋଧନ** | ସମ୍ବୋଧନ | ହେ ରାମ! | ହେ ରାମୌ! | ହେ ରାମାଃ! |

କେତେକ ପ୍ରସିଦ୍ଧ ଧାତୁ :

1. ଗଚ୍ଛତି – ଯାଏ।
2. କ୍ରୀଡତି – ଖେଳେ।
3. ଖାଦତି – ଖାଏ।
4. ପଠତି – ପଢେ।
5. ବଦତି – କୁହେ।
6. ଚଲତି – ଚାଲେ।

ସମସ୍ତ ଧାତୁଗୁଡିକର ସଙ୍କେତ ରୂପରେ 'ପଠ୍' ଧାତୁ ପାଇଁ ଲଟ୍ ଲକାର (ବର୍ତ୍ତମାନ କାଳର କ୍ରିୟା) ର ରୂପ ଦିଆଯାଉଅଛି -

| ପୁରୁଷ | ଏକବଚନ | ଦ୍ୱିବଚନ | ବହୁବଚନ |
|---|---|---|---|
| ପ୍ରଥମ ପୁରୁଷ | ପଠତି | ପଠତଃ | ପଠନ୍ତି |
| ମଧ୍ୟମ ପୁରୁଷ | ପଠସି | ପଠଥଃ | ପଠଥ |
| ଉତ୍ତମ ପୁରୁଷ | ପଠାମି | ପଠାବଃ | ପଠାମଃ |

ସଂସ୍କୃତରେ କ୍ରିୟାପଦର ରୂପ ତିନି ପୁରୁଷଙ୍କର (ପ୍ରଥମ ପୁରୁଷ, ମଧ୍ୟମ ପୁରୁଷ, ଉତ୍ତମ ପୁରୁଷ) ଅନୁସାରେ ହୋଇଥାଏ । ଅନ୍ୟ କାହା ପାଇଁ ପ୍ରଥମ ପୁରୁଷ 'ତୁମେ' ର ପ୍ରୟେଗ ପାଇଁ ମଧ୍ୟମ ପୁରୁଷ, ନିଜ ପାଇଁ ଉତ୍ତମ ପୁରୁଷ ର ପ୍ରୟୋଗ ହୋଇଥାଏ । ଏହି ନିୟମଗୁଡିକୁ ଧ୍ୟାନରେ ରଖିକରି କିଛି ବାକ୍ୟ ଉଦାହରଣ ସ୍ୱରୂପ ପ୍ରସ୍ତୁତ କରାଯାଉଛି :

| | | | |
|---|---|---|---|
| 1. ରାମଃ ଗଚ୍ଛତି। | 1. ରାମଃ ପଶ୍ୟତି। | 1. ରାମଃ ପଠତି। | 1. ରାମଃ ବଦତି। |
| 2.ତ୍ୱଂ ଗଚ୍ଛସି । | 2. ତ୍ୱଂ ପଶ୍ୟସି। | 2. ତ୍ୱଂ ପଠସି। | 2. ତ୍ୱଂ ବଦସି। |
| 3. ଅହଂ ଗଚ୍ଛାମି। | 3. ଅହଂ ପଶ୍ୟାମି। | 3. ଅହଂ ପଠାମି। | 3. ଅହଂ ବଦାମି। |

## ସମସ୍ତ ବିଭକ୍ତିଗୁଡିକର କିଛି ଉଦାହରଣ :

1. ରାମଃ ଗଚ୍ଛତି (ରାମ ଯାଏ)। - ରାମଃ (ପ୍ରଥମା - କର୍ତ୍ତା)
2. ରାମଃ ଗ୍ରାମଂ ଗଚ୍ଛତି (ରାମ ଗ୍ରାମକୁ ଯାଏ )। - ଗ୍ରାମଂ (ଦ୍ୱିତୀୟା - କର୍ମ)
3. ରାମଃ କଲମେନ ଲିଖତି (ରାମ କଲମରେ ଲେଖେ)। - କଲମେନ (ତୃତୀୟା - କରଣ)
4. ରାମଃ କୃଷ୍ଣାୟ ଫଲଂ ଦଦାତି (ରାମ କୃଷ୍ଣ କୁ ଫଳ ଦିଏ)। - କୃଷ୍ଣାୟ (ଚତୁର୍ଥୀ - ସମ୍ପ୍ରଦାନ)
5. ରାମଃ ଗ୍ରାମାତ୍ ଆଗଚ୍ଛତି (ରାମ ଗ୍ରାମରୁ ଆସେ)। - ଗ୍ରାମାତ୍ (ପଞ୍ଚମୀ - ଅପାଦାନ)
6. ରାମସ୍ୟ ପୁତ୍ରଃ କୁଶଃ (ରାମର ପୁଅ କୁଶ ଅଟେ)। - ରାମସ୍ୟ (ଷଷ୍ଠୀ - ସମ୍ବନ୍ଧ) (ସମ୍ବନ୍ଧ କାରକଗୁଡିକ ମଧ୍ୟରେ ନାହିଁ।)
7. ରାମଃ ବିଦ୍ୟାଳୟେ ପଠତି (ରାମ ବିଦ୍ୟାଳୟରେ ପଢେ)। - ବିଦ୍ୟାଳୟେ (ସପ୍ତମୀ - ଅଧିକରଣ)

|| ଇତି ||

*ଗୀତା ପରିବାର ସାହିତ୍ୟର ଉପଯୋଗ ଅନ୍ୟ ସ୍ଥାନରେ କରିବା ପାଇଁ ପୂର୍ବାନୁମତି ଆବଶ୍ୟକ ଅଟେ ।*
*ଅନୁମତି ପାଇଁ ନିଶ୍ଚିତରୂପେ **consent@learngeeta.com** ରେ ଆମକୁ ଲେଖନ୍ତୁ।*